# ସି.ଏମ୍.ଏ ଭବନରେ ଜି.ଏସ୍.ଟି ଦିବସ ପାଳିତ

ଭୁବନେଶ୍ୱର, ୧/୦୭ (ନିପ୍ର) : ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ ଆକାଉଣ୍ଟାଟ୍ସ ଅଫ୍ ଇଣ୍ଡିଆ - (ଆଇ.ସି.ଏ.ଆଇ) ଭୁବନେଶ୍ୱର ଚାପ୍ଟର ତା୦୧/୦୭/୨୦୧୯ ରିଖ ଦିନ ନିଜସ୍ୱ ପ୍ରାଙ୍ଗଣ ନୂଆପଲ୍ଲୀସ୍ଥିତ ସି.ଏମ୍.ଏ ଭବନରେ ସଫଳତାର ସହିତ ଜି.ଏସ୍.ଟି. ଦିବସ ପାଳିତ କରିଅଛି। ଭୁବନେଶ୍ୱର ଚାପ୍ଟର ଦ୍ୱାରା ଉକ୍ତ ଜି.ଏସ୍.ଟି ଦିବସ ଅବସରରେ ଏକ ସାନ୍ଧ୍ୟକାଳୀନ "ପ୍ୟାନେଲ ଡ଼ିସ୍କସନ୍ ଅନ୍ ଜି.ଏସ୍.ଟି - ଆନାଲିସସ୍ ଓ ଓପିନିଅନ" ଶୀର୍ଷକର ଆୟୋଜନ କରାଯାଇଥିଲା। ଉକ୍ତ ଆଲୋଚନାଚକ୍ରଟିକୁ ଶ୍ରୀଯୁକ୍ତ ଅଯେ ଏମ୍, ଆଇ.ଆର.ଏସ୍, ଡେପୁଟି କମିଶନର, ସି.ଜି.ଏସ.ଟି ଏବଂ ସିଏକ୍ସ, ଡେପୁଟି ଡାଇରେକ୍ଟର, ଡାଇରୋକ୍ଟରେଟ ଜେନେରାଲ ଅଫ୍ ଜିଏସ୍‌ଟି ଇଣ୍ଟେଲିଜେନସ, ଭୁବନେଶ୍ୱର ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଏହାର ଶୁଭ ଉଦ୍‌ଘାଟନ କରିଥିଲେ। ପ୍ୟାନେଲ ଡ଼ିସକସ୍‌ନରେ ଅନ୍ୟ ସମ୍ମାନୀୟ




ଅତିଥିମାନଙ୍କ ମଧ୍ୟରେ ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ଜେନା, ସିନିୟର ଆଡଭୋକେଟ, ଜି.ଏସ୍.ଟି., କଷ୍ଟମ୍ ଏବଂ ଏକ୍ସିଜ୍‌ମ୍, ସସି.ଏମ୍ଏ ଦେବନାଥ ମୁଖାପାଧ୍ୟାୟ, ଡେପୁଟି ଡ଼ିଭିଜିନାଲ ମ୍ୟାନେଜର, ଟାଟା ସ୍ପଞ୍ଜ ଆଇରନ୍ ଲିଃ ଯୋଗଦାନ କରି ରଖାଯାଇଥିବା ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ବିଶେଷ କରି ଜି.ଏସ୍.ଟିର ବିଭିନ୍ନ ନିୟମ ଉପରେ ଆଲୋଚନା ହୋଇଥିଲା। ସିଏମ୍ଏ ତାପସ ରଞ୍ଜନ ସ୍ୱାଇଁ ଉପାଧ୍ୟକ୍ଷ, ଭୁବନେଶ୍ୱର ଚାପ୍ଟର ଉଦ୍‌ଘାଟନ ଉତ୍ସବଟିକୁ ପରିଚାଳନା କରିଥିବା ବେଳେ ସିଏମ୍ଏ ଦୀପକ ରଞ୍ଜନ କର, ପରିଚାଳକ (ଅର୍ଥ) ପି.ଜି.ସି.ଆଇ.ଏଲ ପ୍ୟାନେଲ ଡ଼ିସ୍କସନ୍‌ଟିକୁ ପରିଚାଳନା କରିଥିଲେ। ସିଏମ୍ଏ ଶକ୍ତିଧର ସିଂହ, ଭୁବନେଶ୍ୱର ଚାପ୍ଟରର ଅଧ୍ୟକ୍ଷ ସ୍ୱାଗତଭାଷଣ ତଥା ବିଷୟ ବସ୍ତୁ ଉପରେ ସଂକ୍ଷିପ୍ତ ଟିପ୍ପଣୀ ଦେଇଥିଲେ। ସିଏମ୍ଏ ଅଜୟ କୁମାର ସାମଲ, ସଦସ୍ୟ, ପି.ଡ଼ି. କମିଟି ଧନ୍ୟବାଦ ଭାଷଣ ଅର୍ପଣ କରିଥିଲେ। ସମସ୍ତ ପରିଚାଳନା କର୍ମକର୍ତ୍ତା ଓ କର୍ମଚାରୀମାନଙ୍କ ଉତ୍ତମ ସହଯୋଗ ଫଳରେ ଆଲୋଚନା ଚକ୍ରଟି ସଫଳତା ତଥା ଶୃଙ୍ଖଳାର ସହିତ ସମାପନ ହୋଇଯାଇଅଛି।

hubaneswar- 751014. Printed at - Janjalidevi Printers & Publishers, Plot -No. 131, Rajarani Nagar, Bhubaneswar - 751014
2436232/8763055256 EDITOR - SIDHARTHA SANKAR MISHRA ସମ୍ପାଦକ : ସିଦ୍ଧାର୍ଥ ଶଙ୍କର ମିଶ୍ର

M K

Scanned by CamScanner